# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 February - 2026

************************************

## ମୁଖ୍ୟ ସମ୍ବାଦ

- ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ଧାନ ବିକ୍ରି ଓ ଚାଷୀ ସମସ୍ୟାକୁ ନେଇ ଗୃହକାର୍ଯ୍ୟ ବାଧାପ୍ରାପ୍ତ ; ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ

- ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯ ଲକ୍ଷ ୭୩ ହଜାର ୫୫୨ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

- ରାଜ୍ୟସଭା ନିର୍ବାଚନ ଆସନ୍ତା ମାସ ୧୬ତାରିଖରେ ହେବା ନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ଘୋଷଣା

– ଓଡ଼ିଶା ସମେତ ୧୦ଟି ରାଜ୍ୟର ୩୭ଟି ଆସନ ପାଇଁ ହେବ ନିର୍ବାଚନ

ଏବଂ

- ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଆଜିଠାରୁ ଆରମ୍ଭ; ଆସନ୍ତାକାଲିଠାରୁ ହେବ ମାଟ୍ରିକ ପରୀକ୍ଷା

Assembly/BBSR/R

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ରାଜ୍ୟ ବିଧାନସଭା ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ଧାନ ବିକ୍ରି ଓ ଚାଷୀ ସମସ୍ୟାକୁ ନେଇ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇପାରି ନ ଥିଲା। ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୫ ମିନିଟ୍ ଚାଲିଥିଲା। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରଥମେ ୧୧ଟା ୩୦ରେ ଯାଏଁ ମୁଲତବୀ ରଖିଥିଲେ। ଗୃହ କାର୍ଯ୍ୟ ପୁର୍ନବାର ଆରମ୍ଭ ହେବା ମାତ୍ରେ ବିରୋଧୀ ମାନେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିବାରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଛନ୍ତି।

ଆଜି ପ୍ରଶ୍ନକାଳ ଆରମ୍ଭ ହେବା କ୍ଷଣି ବିରୋଧୀ ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ରାଜ୍ୟରେ ଧାନବିକ୍ରି ନେଇ ଚାଷୀଙ୍କ ସମସ୍ୟା ସମ୍ପର୍କିତ ବ୍ୟାନର ପ୍ରଦର୍ଶନ କରି ସ୍ଲୋଗାନମାନ ଦେଇଥିଲେ। ପରେ କଂଗ୍ରେସ ସଦସ୍ୟମାନେ ମଧ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି କୃଷି ସମ୍ବନ୍ଧୀୟ ଆଲୋଚନାରେ ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଛନ୍ତି।

Desk

## ବିଧାନସଭା-୧

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯ ଲକ୍ଷ ୭୩ ହଜାର ୫୫୨ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି । ବିଧାନସଭାରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ମଣ୍ଡିକୁ ୫୯ ଲକ୍ଷ ୯୨ ହଜାର ୮୬୪ ମେଟ୍ରିକ ଟନ୍ ଧାନ ଆସିଛି । ସେଥିମଧ୍ୟରୁ ୧ ଲକ୍ଷ ୯୪ ହଜାର ୮୪୬ ମେଟ୍ରିକ ଟନ୍ ଧାନ ମଣ୍ଡିରେ ପଡ଼ି ରହିଛି । ୧୩ ଲକ୍ଷ ୯୦ ହଜାର ୯୭୮ ଜଣ ଚାଷୀ ଧାନ ବିକ୍ରି କରିସାରିଛନ୍ତି । ଏହି ସମୟ ମଧ୍ୟରେ ଚାଷୀଙ୍କ ଜମାଖାତାକୁ ୪ ହଜାର ୪୫ କୋଟି ଟଙ୍କାର ଇନପୁଟ୍ ସବ୍‌ସିଡି ପ୍ରଦାନ କରାଯାଇଛି । ଏମ୍.ଏସ୍.ପି. ବାବଦକୁ ୧୩ ହଜାର ୧୧୦ କୋଟି ଟଙ୍କା ଦିଆଯାଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି ।

ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି, କେନ୍ଦ୍ର ୨ ହଜାର ୩୬୯ ଟଙ୍କାରେ ଧାନ କ୍ରୟ କରୁଛି । ଏ ନେଇ ଚାଷୀଙ୍କୁ ରାଜ୍ୟ ସରକାର ୮୦୦ ପରିବର୍ତ୍ତେ ୭୩୧ ଟଙ୍କା ଇନପୁଟ୍ ସବ୍‌ସିଡି ପ୍ରଦାନ କରୁଛନ୍ତି ।

Desk

## ବିଧାନସଭା-୩

ସର୍ବଭାରତୀୟ ସ୍ତରରେ ବାର୍ଷିକ ଫଳ ଉତ୍ପାଦନରେ ଓଡ଼ିଶା ୧୧ ନମ୍ବର ସ୍ଥାନ ଅଧିକାର କରିଛି । ବିଧାନସଭାରେ ସଦସ୍ୟ ଧ୍ରୁବଚରଣ ସାହୁଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉତ୍ତର ରଖି

କହିଛନ୍ତି, ରାଜ୍ୟରେ ୭ ହଜାର ୯୧୯ ଉଦ୍ୟୋଗୀ ବ୍ୟବସାୟିକ ଦୃଷ୍ଟିରୁ ଫଳ ଓ ଫୁଲଚାଷ କରୁଛନ୍ତି। ସେମାନଙ୍କ ବାର୍ଷିକ ଆୟ ୧୦ ହଜାର ୪୧୬ ଲକ୍ଷ ୯୧ ହଜାର ଟଙ୍କା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟରେ ୨୭ ଦଶମିକ ୧୮ ଲକ୍ଷ ଫଳ ଉତ୍ପାଦନ ହୋଇଥିବା ବେଳେ ପୁରୀରେ ସର୍ବାଧିକ ୫୮୬ ଜଣ ଉଦ୍ୟୋଗୀ ଫଳ ଚାଷ କରୁଛନ୍ତି। ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ୧୧୫ ଜଣ ଉଦ୍ୟୋଗୀ ଫୁଲଚାଷ କରୁଥିବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

Desk

## ବିଧାନସଭା-୨

ରାଜ୍ୟର ସମସ୍ତ ରାଜସ୍ୱ ଗ୍ରାମକୁ ବିଜୁଳି ସୁବିଧା ପହଁଞ୍ଚାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ସୂଚନା ଦେଇଛନ୍ତି। ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଶ୍ରୀ ସିଂହଦେଓ କହିଛନ୍ତି, ୨୦୨୪ ମସିହା ପରଠାରୁ ୩୫ ହଜାର ୭୪୧ ଜଣ ପରିବାରକୁ ବିଜୁଳି ସଂଯୋଗ ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୩ ହଜାର ୬୩୬ ଜଣ ପରିବାରଙ୍କୁ ବିଜୁଳି ସଂଯୋଗ ଦିଆଯାଇଛି।

Desk

## ରାଜ୍ୟସଭା ନିର୍ବାଚନ

ରାଜ୍ୟସଭା ନିର୍ବାଚନ ଆସନ୍ତା ମାସ ୧୬ ତାରିଖରେ  ହେବା ନେଇ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଜି ଘୋଷଣା କରାଯାଇଛି।

୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ଆସନ୍ତା ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ମାର୍ଚ୍ଚ ମାସ ୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିନ ରଖାଯାଇଥିବା ବେଳେ ୬ ତାରିଖରେ ଯାଞ୍ଚ ଓ ୯ ତାରିଖରେ ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ମାର୍ଚ୍ଚ ୧୬ ତାରିଖ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏଁ ଭୋଟଗ୍ରହଣ କରାଯିବ। ପରେ ଅପରାହ୍ନ ୫ଟାରେ ଭୋଟ୍‌ଗଣତି ହେବା ନେଇ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଓଡ଼ିଶାର ୪ ଜଣ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ମୁନ୍ନା ଖାନ, ସୁଜିତ କୁମାର ଓ ନିରଞ୍ଜନ ବିଶିଙ୍କ କାର୍ଯ୍ୟକାଳ ଏପ୍ରିଲ ମାସ ୨ ତାରିଖରେ ଶେଷ ହେଉଛି।

Desk

## କୃତ୍ରିମ ବୁଦ୍ଧିମତା ସମ୍ମିଳନୀ

କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ-୨୦୨୬ ମାଧ୍ୟମରେ ନୂତନ ସମ୍ଭାବନା ସୃଷ୍ଟି ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା– ଏ.ଆଇ. କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତିକୁ ଓଡ଼ିଶା ପାଭିଲିୟନ୍ ପ୍ରଦର୍ଶିତ କରୁଛି। ପ୍ରଦର୍ଶନୀରେ ଯୋଗଦେଇ ପ୍ରଭାବୀ ନବସୃଜନ, ବିବର୍ତ୍ତନକାରୀ ଡିଜିଟାଲ ସମାଧାନ ଏବଂ ଭାଗିଦାରୀ ସୁଯୋଗ ସୃଷ୍ଟି ସହ ଏ.ଆଇ. ଚାଳିତ ଓଡ଼ିଶା ବିକାଶର ପରିକଳ୍ପନାକୁ ପ୍ରତ୍ୟକ୍ଷରେ ଅନୁଭବ କରିବା ପାଇଁ ମୁଖ୍ୟମନ୍ତ୍ରୀ

ଆହ୍ୱାନ ଦେଇଛନ୍ତି । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅବସରରେ ଓଡ଼ିଶା ପାଭିଲିୟନ୍ ପରିଦର୍ଶନ କରି ରାଜ୍ୟର ଅଭିନବ ପ୍ରୟାସକୁ ପ୍ରଶଂସା କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ସମ୍ମିଳନୀରେ ଓଡ଼ିଶାର ସଶକ୍ତ ଉପସ୍ଥିତି, ସୂଚନା ପ୍ରଯୁକ୍ତିବିଦ୍ୟା ଓ ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ରାଜ୍ୟର ଦ୍ରୁତ ଅଗ୍ରଗତିକୁ ପ୍ରତିଫଳିତ କରୁଛି ।

**- V/O –**

Desk

# ସିଏଚ୍‌ଏସ୍‌ଇ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍‌ଏସ୍‌ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ଚଳିତଥର ୧ ହଜାର ୩୫୮ଟି ପରୀକ୍ଷା କେନ୍ଦ୍ର ଏବଂ ୭ଟି ସବ୍‌ସେଣ୍ଟରରେ ପରୀକ୍ଷା ପରିଚାଳନା କରାଯାଇଛି । ଆସନ୍ତାମାସ ୨୮ ତାରିଖରେ ପରୀକ୍ଷା ଶେଷ ହେବ । ପରୀକ୍ଷା ପାଇଁ ମୋଟ ୨୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଗୋଟିଏ ସବ୍ ଟ୍ରେଜେରୀକୁ ପରୀକ୍ଷା ପରିଚାଳନା ହବ୍ କରାଯାଇଛି । ଆଜି ସକାଳ ୮ଟା ୩୦ ସୁଦ୍ଧା ହବ୍ ଗୁଡ଼ିକରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା । ପରୀକ୍ଷାକୁ ଅବାଧ ଓ ତ୍ରୁଟିଶୂନ୍ୟ କରିବା

ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇ କହିଥିଲେ, ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ସମସ୍ତ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ, ସେଥିପାଇଁ ଯତ୍ନବାନ ହେବା ଜରୁରୀ।

Desk

## ସିଏଚ୍ଏସ୍ଇ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ-ସିଏଚ୍ଏସ୍ଇ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବାର୍ଷିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ଚଳିତଥର ୧ ହଜାର ୩୫୮ଟି ପରୀକ୍ଷା କେନ୍ଦ୍ର ଏବଂ ୭ଟି ସବ୍ସେଣ୍ଟରରେ ପରୀକ୍ଷା ପରିଚାଳନା କରାଯାଇଛି। ଆସନ୍ତାମାସ ୨୮ ତାରିଖରେ ପରୀକ୍ଷା ଶେଷ ହେବ। ପରୀକ୍ଷା ପାଇଁ ମୋଟ ୨୧୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଗୋଟିଏ ସବ୍ ଟ୍ରେଜେରୀକୁ ପରୀକ୍ଷା ପରିଚାଳନା ହବ୍ କରାଯାଇଛି। ଆଜି ସକାଳ ୮ଟା ୩୦ ସୁଦ୍ଧା ହବ୍ ଗୁଡ଼ିକରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲା । ପରୀକ୍ଷାକୁ ଅବାଧ ଓ ତ୍ରୁଟିଶୂନ୍ୟ କରିବା

ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇ କହିଥିଲେ, ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ। ସମସ୍ତ ପରୀକ୍ଷାର୍ଥୀ ଚାପମୁକ୍ତ ହୋଇ ଯେପରି ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିପାରିବେ, ସେଥିପାଇଁ ଯତ୍ନଵାନ ହେବା ଜରୁରୀ।

CTC

## ମାଟ୍ରିକ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ– ବି.ଏସ୍.ଇ. ପକ୍ଷରୁ ଆସନ୍ତାକାଲିଠାରୁ ୨୦୨୬ ବର୍ଷ ପାଇଁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ଏଥିଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଫେବୃଆରୀ ୧୦ ତାରିଖରେ ବିଭିନ୍ନ ନୋଡାଲ କେନ୍ଦ୍ରଗୁଡ଼ିକକୁ ପ୍ରଶ୍ନପତ୍ର ପଠାଯାଇଛି।

ଚଳିତ ବର୍ଷ ୫ ଲକ୍ଷ ୬୧ ହଜାର ୯୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ପରୀକ୍ଷା ଲାଗି ୩ ହଜାର ୮୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୩୩୨ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ପ୍ରତିଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଛି। ପରୀକ୍ଷାକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍

ଖୋଲାଯାଇଛି । ଏହି କଣ୍ଟ୍ରୋଲ ରୁମ୍ ପରୀକ୍ଷା ଚାଲିଥିବା ବେଳେ କୃତ୍ରିମ ବୁଦ୍ଧିମତା ବା ଏ.ଆଇ. କ୍ୟାମେରା ମାଧ୍ୟମରେ ସମସ୍ତ ପ୍ରକାର ଯାଞ୍ଚ କରିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

**- V/O –**

Desk

## କଲରାପତରିଆ ବାଘ ବୃଦ୍ଧି

କେନ୍ଦୁଝର ବନଖଣ୍ଡରେ ଚଳିତ ବର୍ଷ କଲରାପତରିଆ ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଗତବର୍ଷ ବନଖଣ୍ଡରେ ୧୮ଟି କଲରାପତରିଆ ବାଘ ଥିବା ବେଳେ ଏହି ସଂଖ୍ୟା ୨୩କୁ ବୃଦ୍ଧି ପାଇଛି । ଚଳିତ ବର୍ଷ ମହାବଳ ବାଘ ଠାବ କରାଯାଇନଥିବା ସମ୍ପର୍କରେ ଉପଖଣ୍ଡ ବନ ଅଧିକାରୀ କହିଛନ୍ତି ।

Ganjam

## ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ

ସମାଜରେ ବରିଷ୍ଠ ନାଗରିକଙ୍କ ଅବଦାନକୁ ସ୍ୱୀକାର କରି ସେମାନଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି 'ସମ୍ମାନ ଓ ବିଚାର ବିନିମୟ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବ୍ରହ୍ମପର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁବିଧା ଓ ଅସୁବିଧା ବୁଝିବା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି କହିଛନ୍ତି ।

'ବରିଷ୍ଠ ନାଗରିକ ଆମ ବରିଷ୍ଠ ସମ୍ବଳ' ଶୀର୍ଷକ ଆଲୋଚନାଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ସମାଜ ପ୍ରତି ବରିଷ୍ଠ ନାଗରିକଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ।

Ganjam

## ଗ୍ରୀଷ୍ମ ପ୍ରବାହ-ପ୍ରସ୍ତୁତି ବୈଠକ

ଗ୍ରୀଷ୍ମ ପ୍ରବାହକୁ ମୁକାବିଲା କରିବା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାନୀୟ ଜଳର ସମସ୍ୟା ଯେଉଁଭଳି ନ ଉପୁଜେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ବ୍ଲକ ଓ ଏନ.ଏ.ସି.ରେ ଜଳଛତ୍ର ଖୋଲି ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ରଖିବା ପାଇଁ କୁହାଯାଇଛି। ଏଥିସହିତ ଡାକ୍ତରଖାନା, ସ୍କୁଲ ଓ କଲେଜଗୁଡ଼ିକରେ ମଧ୍ୟ ଶୁଦ୍ଧ ପାନୀୟ ଜଳ ସହ ଓ.ଆର୍.ଏସ୍. ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

Desk

# ପାଣିପାଗ

ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାଅନୁସାରେ ଆସନ୍ତାକାଲି ପର୍ଯ୍ୟନ୍ତ ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ, କେନ୍ଦ୍ରାପଡା, ଜଗତ୍‌ସିଂହପୁର,

ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ଘନ କୁହୁଡି ଦେଖାଯିବ । ରାଜ୍ୟର ଦକ୍ଷିଣଭାଗ ଅଞ୍ଚଳ ଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇବ ।